ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୃଫୈଷୟିକ ଫିଶ୍ୱଫିଦୟା ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 12-03-2024

ଶୋନେପୁର(ଓଡିଶା) - :2024-03-12 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-03-13 | 2024-03-14 | 2024-03-15 | 2024-03-16 | 2024-03-17 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 5.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 37.0 | 39.0 | 40.0 | 36.0 | 35.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.0 | 24.0 | 25.0 | 23.0 | 23.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 29 | 34 | 28 | 73 | 59 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 13 | 11 | 10 | 10 | 16 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7 | 9 | 8 | 9 | 10 |
| ପବନର ଦିଗ (ଡିଗ୍ରୀ) | 292 | 253 | 281 | 120 | 158 |
| ମେଘାଚ୍ଛନ (ଅକ୍ଟା) | 1 | 1 | 0 | 0 | 8 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହର ଅନ୍ତରେ ସ୍ୱଳ୍ପ ବର୍ଷା ହେବା ସହିତ ଆକାଶ ସାଧାରଣତଃ କିମ୍ବା ପୂର୍ଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୫ ରୁ ୪୦ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୩ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୨୯% ରୁ ୭୩% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୦% ରୁ ୧୬ % ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୭ ରୁ ୧୦ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର ପଶ୍ଚିମ କିମ୍ବା ଦକ୍ଷିଣ ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି।

## ସାଧାରଣ ଉପଦେଶ:

• ଗ୍ରୀଷ୍ମକାଳିନ ଫସଲ ତଥା ପନିପରିବା ଚାଷ ପାଇଁ ନିୟମିତ ପାଣି ଯୋଗେଇବାର ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି କାରଣ ଆସନ୍ତା ସପ୍ତାହର ପ୍ରଥମ ପର୍ଯ୍ୟାୟରେ ତାପମାତ୍ରାରେ ବୃଦ୍ଧି ଦେଖିବାକ ମିଳିପାରେ । ଜଳସେଚନ କାର୍ଯ୍ୟ ସକାଳ କିମ୍ବା ସନ୍ଧ୍ୟା ସମୟରେ ହି କରନ୍ତୁ । • ବର୍ତ୍ତମାନ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଫସଲରେ ରୋଗ ପୋକ ଆକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଏହାର ନିୟମିତ ନିରୀକ୍ଷଣ କରନ୍ତୁ। • ଆଗକୁ ତାପମାତ୍ରାରେ ବୃଦ୍ଧି ହେବାର ସମ୍ଭାବନାକୁ ଦେଖି ପଶୁମାନଙ୍କୁ ଖରାରୁ ବଂଚାଇବା ପାଇଁ ଛାଇଁରେ ରଖିବାର ବ୍ୟବସ୍ଥା କରନ୍ତୁ ।

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

| |
|---|
| ଆସନ୍ତା ସପ୍ତାହର ଅନ୍ତରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ତେଣୁ ଚାଷୀ ଭାଇମାନଙ୍କୁ ଔଷଧର ପ୍ରୟୋଗ କାର୍ଯ୍ୟ ଆସନ୍ତା ତିନି ଦିନ ମଧ୍ୟରେ କରିବାକୁ ପରାମର୍ଶ ଦିଆଯାଉଅଛି । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଚାଷୀ ଭାଇମାନେ ଘାସମରା ଔଷଧ ହିସାବରେ ୫ ଗ୍ରାମ ପାଇରାଜୋସଲଫ୍ୟୁରାନ ଇଥାଇଲ ୧୦% wp କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ରୋଇବାର ୩ ରୁ ୫ ଦିନ ମଧ୍ୟରେ କିମ୍ବା ବିସ୍ପାରିବେକ୍ ସୋଡିଅମର ୧୨୦ମିଲୀ କୁ ୧୪୦ ଲିଟର ପାଣିରେ ମିଶାଇ ଏକର ପିଛା ରୋଇବାର ୧୦ ରୁ ୧୫ ଦିନ ମଧ୍ୟରେ ଶୁଷ୍କ ପାଗକୁ ଦେଖି ସିଂଚନ କରନ୍ତୁ । ପିଲ ଅବସ୍ଥାରେ ୟୁରିୟା ସାରର ପ୍ରୟୋଗ ଆର୍ଦ୍ର ଭୂମିରେ କରିବାକୁ ପରାମର୍ଶ ଦିଆଯାଇଅଛି। ଧାନ ଗଛରେ କାଣ୍ଡ ବିନ୍ଧା ପୋକର ଉପଦ୍ରବ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ.ସି. @ ୦.୩ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗରେ ପ୍ରୋୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି। |
| ମକା | କାଣ୍ଡବିନ୍ଧା ପୋକର ନିୟନିନ୍ତ୍ରଣ ପାଇଁ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫସ ୫୦% ଇ.ସି. @ ୨ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫଲ ଆର୍ମି ୱର୍ମ କୀଟର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରା. ଇମାମେକଟିନ୍ଟିନ ବେନଜୋଏଟ୍ କୁ ମିଶାଇ ଶୁଷ୍କ ପାଗ ଦେଖି ସିଞ୍ଚନ କରନ୍ତୁ । |
| ସୋରିଷ | ଆସନ୍ତା ସପ୍ତାହର ଅନ୍ତରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ତେଣୁ ଚାଷୀ ଭାଇମାନଙ୍କୁ ବାହାରେ ସୁଖା ହୋଇଥିବା ସୋରିଷ କୁ ସୁରକ୍ଷିତ ଜାଗାରେ ରଖିବାକୁ ପରାମର୍ଶ ଦିଆଯାଉଅଛି । |
| ମୁଗ | ପ୍ରଚଳିତ ପାଣିପାଗରେ ମୁଗ ଖେତରେ ଜଉ ପୋକ ଲାଗିବାର ସମ୍ଭାବନା ବଢିପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ଏବଂ ପୋକ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମ କୁ ପ୍ରତି ଲିଟର ପାଣିରେ ମିଶାଇ ଗଛରେ ପ୍ରୟୋଗ କରନ୍ତୁ। ଯଦି ମୁଗ ଜାତୀୟ ଫସଲରେ ସାହେବୀ ରୋଗର ଲକ୍ଷଣ ଦେଖାଯାଏଯାହାକି ଧଳା ମାଛି ଦ୍ବାରା ବ୍ୟାପିଥାଏ ତେଣୁଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି ଏକର ପିଛା ୪୦ ଗ୍ରାମ ଏସିଟାମିପ୍ରିଡକୁ ୨୦୦ ରୁ ୨୫୦ ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରନ୍ତୁ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆମ୍ବ | ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଗଛରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି। ଆମ୍ବ ଗଛରେ ଧଳା ପାଉଡରର ସ୍ତର ଲାଗିରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇ ଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରାନ୍ତୁ । ଯଦି ଆମ୍ବ ଗଛରେ ଫଳ ସୋରିଷ ଆକାରର ହୋଇଗଲାଣି ସେଥିରେ ୨ ପ୍ରତିଶତ KNO3 ର ପ୍ରୟୋଗ କରିପାରିବେ କାରଣ ଏହା ଆଗକୁ ଫଳର ଆକାର ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଆମ୍ବ ଗଛରେ ଯଦି ଫଳ ମଟର ଦାନା ଆକାରର ହୋଇଯାଇଛି ସେଥିରେ ଫଳ ଝଡିବା କମ କରିବା ପାଇଁ ପ୍ଲାନୋଫିକ୍ସ @ ୧ ମିଲି ପ୍ରତି ୪.୫ ଲିଟର ପାଣି ହିସାବରେ ପ୍ରୟୋଗ କରନ୍ତୁ । |
| ଟମାଟର | ଯଦି ବାଇଗଣ ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଳୁଆ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । ଯଦି ଟୋମାଟୋ ଗଛରେ ପତ୍ରପୋଡା ରୋଗର ଲକ୍ଷଣ ଦେଖାଯାଏ ତା'ହେଲେ ଏହାର ନିରାକରଣ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% @ ୦.୪ ଗ୍ରାମ କୁ ପ୍ରତି ଲିଟର ପାଣି ସହିତ ମିଶାଇ ସିଞ୍ଚନ କରିପାରିବେ। ଔଷଧର ପ୍ରୟୋଗ କାର୍ଯ୍ୟ ଆସନ୍ତା ଦୁଇ ରୁ ତିନି ଦିନ ମଧ୍ୟରେ କରିବାକୁ ପରାମର୍ଶ ଦିଆଯାଉଅଛି । |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ପିଆଜ | ପିଆଜ ଗଛ ରେ ବାଇଗଣି ଦାଗ କିମ୍ବା ପର୍ପଲ ବ୍ଲୋଚ୍ ର ନିୟନ୍ତ୍ରଣ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% @ ୦.୪ ଗ୍ରାମ କୁ ପ୍ରତି ଲିଟର ପାଣି ସହିତ ମିଶାଇ ସିଞ୍ଚନ କରନ୍ତୁ । ଉକୁଣିଆ ପୋକର ପ୍ରକୋପରୁ ଗଛକୁ ରକ୍ଷା କରିବା ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମ କୁ ପ୍ରତି ଲିଟର ପାଣି କିମ୍ବା ୧ ଗ୍ରାମ ଏସିଟାମିପ୍ରିଡ ୨୦ ପ୍ରତିଶତ ଇ.ସି. କୁ ୪ ଲିଟର ପାଣିରେ ମିଶାଇ ଆସନ୍ତା ୨ ରୁ ୩ ଦିନ ମଧ୍ୟରେ ଗଛରେ ପ୍ରୟୋଗ କରନ୍ତୁ। |

**ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ପଶୁମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ତାଙ୍କୁ ନିୟମିତ ତାଜା ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ । ସେମାନଙ୍କୁ ଛାଇ ରେ ରଖନ୍ତୁ ଓ ସକାଳ ୧୧ ଟା ରୁ ସନ୍ଧ୍ୟା ୪ ଟା ମଧ୍ୟରେ ଚରାଇବାକୁ ବାହାରକୁ ଛାଡନ୍ତୁ ନାହିଁ । ଗୁହାଳର ତଳପଟରେ ପୁଆଳ କିମ୍ବା ଧଳା ପେଣ୍ଟ କିମ୍ବା ପ୍ଲାଷ୍ଟରର ବ୍ୟବସ୍ଥା କରନ୍ତୁ କାରଣ ଏହା ଦ୍ୱାରା ତାପମାତ୍ରା ନିୟନ୍ତ୍ରଣ ହୋଇଥାଏ । |